# ପିଲାଙ୍କ ଧରିତ୍ରୀ

ଶନିବାର, ୬ ଅକ୍ଟୋବର, ୨୦୧୮



୩ ଡିଏଭି ପବ୍ଲିକ୍ ସ୍କୁଲ
ଶିଶୁପାଳଗଡ଼, ଭୁବନେଶ୍ୱର








୪ ତୁମ ତୂଳୀରୁ

୬ ପ୍ରତିଭା

୮ ଆଇନା

୭ ଜଣା ଅଜଣା








## ମତାମତ

ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା ‘କିଏ ବଡ’ ଗପରୁ ଅହଂ ଭାବ ରଖି ଅନ୍ୟକୁ ଛୋଟ ମଣିବା ଠିକ୍ ନୁହେଁ ବୋଲି ଜାଣିବାକୁ ମିଳିଲା।

– ମୋନିକା, ରାଧିକା,
ଜୟପୁର, କୋରାପୁଟ

ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିବା ‘ସବୁଠାରୁ ବଡ ଚକୋଲେଟ୍ ବକ୍ସ’ ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା।

– ମୃଣ୍ମୟୀ କର,
କେସିଙ୍ଗା, କଳାହାଣ୍ଡି

ଜଣା ଅଜଣା ସ୍ତମ୍ଭରେ ପ୍ରକାଶିତ ‘ପୃଥିବୀର ସର୍ବପ୍ରଥମ ନାଇଟ୍ ସଫାରି’ ବାସ୍ତବିକ୍ ମନୋମୁଗ୍ଧକର ସ୍ଥାନ।

– ମାନସ ରଞ୍ଜନ ଦାସ,
ନିମାପଡା, ପୁରୀ

ଗାନ୍ଧିଜୀଙ୍କ ସମ୍ପର୍କରେ ପଢି ଅନେକ କଥା ଜାଣିବାକୁ ମିଳିଲା।

– ପଙ୍କଜ ପାଣିଗ୍ରାହୀ,
ଲିଙ୍କ୍‌ରୋଡ୍, କଟକ

କବିତା ସ୍ତମ୍ଭରେ ପ୍ରକାଶ ପାଇଥିବା ମା’ କବିତାଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

– ବାଦଲ ଆଚାର୍ଯ୍ୟ,
ରାଜକନିକା, କେନ୍ଦ୍ରାପଡା

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ବିନ୍ଦୁ ଯୋଡ଼



## ଖିଲିଖିଲି ହସ

ରାଜୁ: ପିଣ୍ଟୁ,ଆଜି କ୍ଲାସ ଟେଷ୍ଟରେ ତୋର କେତେ ନମ୍ବର ରହିଲା ?
ପିଣ୍ଟୁ: ବଣ୍ଟିଠୁ ୨୦ ନମ୍ବର କମ୍।
ରାଜୁ: ଆଚ୍ଛା ! ବଣ୍ଟିର କେତେ ନମ୍ବର ଆସିଛି ?
ପିଣ୍ଟୁ: ୨୦ ନମ୍ବର।

ଲାଲୁ: କାଲି ତ ଗଜବ ହୋଇଗଲା !
ଭୋଲୁ: ଆଚ୍ଛା, କ’ଣ ହେଲା ?
ଲାଲୁ: କାଲି ମୁଁ ଦିନସାରା ମୋବାଇଲ୍‌କୁ ଫ୍ଲାଇଟ୍ ମୋଡ୍‌ରେ ରଖିଲି, କିନ୍ତୁ ହେଲେ ସେ ଉଡିଲା ନାହିଁ।
ଭୋଲୁ: ବାଃ ଏ ତ କମାଲ ହୋଇଗଲା।

ଅଜୟ: ବିଜୟ, ତୁମକୁ ମୁଁ ଯେତେବେଳେ ଦେଖୁଛି ସେତେବେଳେ ଟିଭି ଦେଖୁଛ।
ବିଜୟ: ଭାଇ ତୁମେ କୁହ, ଟିଭି ନ ଦେଖି କ’ଣ ଫ୍ରିଜ୍ ଦେଖିବି ?

## ଗପ

# ମୁଁ ହସିବି, ଖୁସି ରହିବି

ଗୁଣ୍ଡୁଚିଭାଇ ସକାଳୁ କୋଟ୍, ଟୋପି, ଲଣ୍ଡନରୁ ଆଣିଥିବା ଭଲ ଜୋତାଟା ପିନ୍ଧି ବାହାରିଲା ବୁଲିବାକୁ। ପାଗଟା ଭାରି ସୁନ୍ଦର ହେଇଥିଲା। ସୁଲୁସୁଲିଆ ପବନକୁ ଅଳ୍ପ ଖରା। ପୁଣି ସକାଳର ଜଳଖିଆରେ ଗୁଣ୍ଡୁଚିଭାଇ ଖୁସ୍। କିନ୍ତୁ କାଲି କାଉ ଯେଉଁ ହରକତ କଲା ସେ କଥା ମନେ ପକାଇଲା ବେଳକୁ ଗୁଣ୍ଡୁଚି ମନ ଖରାପ ହୋଇଯାଉଥାଏ। କାରଣ ବହୁଦିନରୁ ସେ ଯୋଉ ଆମ୍ବକୁ ଆଖେଇ ଥିଲା, ଦୁଷ୍ଟ କାଉ ଆସି ସେଥିରେ ଥଣ୍ଟ ମାରିମାରି ନଷ୍ଟ କରିଦେଲା। ବଉଳରୁ କଷି ଆମ୍ବ, କଷିରୁ ବଡ଼ ଆଉ ବଡ଼ରୁ ପାଚିବା ଯାଏଁ ଅପେକ୍ଷା କରିଛି ଗୁଣ୍ଡୁଚି।

ମନେମନେ କାଉକୁ ଗାଳି କରିକରି ଚାଲିଛି। ପ୍ରଜାପତିଟିଏ ସୁନ୍ଦର ଗୀତ ଗାଇ ତା’ ମୁହଁ ପାଖେ ଉଡ଼ିଗଲା। ବିରକ୍ତ ହୋଇ ପୁଣି ଭାବିଲା, ପ୍ରଜାପତି କ’ଣ ଦିନ ସାରା ଗୀତ ଗାଉଛି!

ଆରେ ପରଜାପତି ତରକା ଅତି
କୁଆଡ଼େ ଯାଇ କୁଆଡ଼େ ଆସୁ
କାହିଁ ମୋ ପାଖେ ଆସି ନ ବସୁ ?

ରଙ୍ଗିନ ପ୍ରଜାପତିଟି ପବନରେ ଭାସି ଯାଉଥିଲା। ଉଡ଼ି ଆସି ଡେଣା ମେଲାଇ ବସିଗଲା ଗୁଣ୍ଡୁଚି ପାଖେ।

ପାର୍କର ଗୋଟିଏ କୋଣରେ ଗୁଣ୍ଡୁଚି ଓ ପ୍ରଜାପତି ଗପ କରୁଥାନ୍ତି। ଗୁଣ୍ଡୁଚି କହିଲା, ତୁ ତ ଭଲ ଖୁସି ରହୁ। ତତେ କ’ଣ ଦୁଃଖ ଲାଗେନି ?

ପ୍ରଜାପତି କହିଲା, ଦୁଃଖ ? ସେ ପୁଣି କ’ଣ ? ଗୁଣ୍ଡୁଚି କହିଲା, ତତେ ରାଗ ଲାଗେନି ?

ପ୍ରଜାପତି ଆଶ୍ଚର୍ଯ୍ୟ, ଗୁଣ୍ଡୁଚି ଭାଇ କ’ଣ କହୁଛି ?

ଗୁଣ୍ଡୁଚି କଥାଟାକୁ ଆଉ ଟିକିଏ ସରଳ କଲା, ଶୁଣ ତୁମେ ଯୋଉ ଫୁଲରୁ ମହୁ ଶୋଷୁଛ ଯଦି ତାକୁ ଅନ୍ୟ କେହି ନେଇଯାଏ? ତୁମେ କ’ଣ ତେବେ ବି ଦୁଃଖୀ ହବନି? ତେବେ ବି ରାଗିବନି? ପ୍ରଜାପତି ହସି କହିଲା, ନାଁରେ ଭାଇ ତାକୁ ବି ତ ଭୋକ ଲାଗୁଥିବ। ତା’ର ବି ଦରକାର ଥିବ। ପୁଣି କେତେ ତ ଫୁଲ ଅଛି। ମୁଁ ଆଉ କୋଉ ଫୁଲରୁ ବି ମହୁ ନେଇଯିବି। ପାର୍କରେ ଥିବା ଫୁଲଗୁଡ଼ିକ ଉପରେ ବସି ଘେରାଏ ବୁଲୁ ବୁଲୁ କହିଲା ପ୍ରଜାପତି।



ଗୁଣ୍ଡୁଚି ତଳକୁ ମୁଣ୍ଡ କରି ଭାବିଲା, ହଁ!! ଠିକ୍ କଥା ତ...

‘ଆଚ୍ଛା, ଯଦି ତମର ଏ ସୁନ୍ଦର ରଙ୍ଗ କେହି ନେଇ ଯାଏ ତା ହେଲେ ?’ ଗୁଣ୍ଡୁଚି ପୁଣି ପଚାରିଲା

‘ମୁଁ ତ ଉଡ଼ି ଉଡ଼ିକା ଯିବି। କେତେ ଫୁଲରୁ କେତେ ରଙ୍ଗ ଛଡ଼େଇ ଆଣିବି।’ କହି କହି ପ୍ରଜାପତି ଉଡ଼ିଗଲା।

ଗୁଣ୍ଡୁଚିମୂଷା ଏକଲା ବସି ଭାବିଲା,‘ମୁଁ ହସିବି, ହସେଇବି। ମୁଁ ଖୁସି ହେବି, ଖୁସି କରେଇବି। ଆଜି ଶିଖିଲି ଏଇ ଜ୍ଞାନ। ମନରେ ସର୍ବଦା ରଖିବି ଧ୍ୟାନ।

**– ଚିନ୍ମୟୀ ପଣ୍ଡା, ଏନ୍୩/୫,
ଆଇଆର୍‌ସି ଭିଲେଜ
ନୟାପଲ୍ଲୀ, ଭୁବନେଶ୍ୱର**

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795




# ଡିଏଭି ପବ୍ଲିକ୍ ସ୍କୁଲ

## ଶିଶୁପାଳଗଡ଼, ଭୁବନେଶ୍ୱର

ଏକ ସୁନ୍ଦର ପ୍ରାକୃତିକ ଦୃଶ୍ୟ ପରିପୂର୍ଣ୍ଣ ପ୍ରକୃତିର ଶାନ୍ତିମୟ କୋଳରେ ସ୍ଥାପିତ ହୋଇଛି ଭୁବନେଶ୍ୱର ପୁରୀରୋଡ୍‌ର ଶିଶୁପାଳଗଡ଼ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ । ୧୯୯୨ ମସିହାରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ ସିବିଏସ୍‌ଇ ସହ ଅନୁବନ୍ଧିତ। ଏହି ବିଦ୍ୟାଳୟର ପ୍ରତ୍ୟେକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଶିକ୍ଷାଦାନକୁ ଅଧିକ ଗୁରୁତ୍ୱ ଦେଇଥାଆନ୍ତି। ତା'ସହ ଛାତ୍ରୀ-ଛାତ୍ର ମାନେ ପାଠପଢ଼ା ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଏହି ସ୍କୁଲରେ ସ୍ମାର୍ଟ ବୋର୍ଡ ଯୁକ୍ତ ପ୍ରଶସ୍ତ ଶ୍ରେଣୀଗୃହ, ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍, ଆର୍ଟ କ୍ରାଫ୍ଟ, ସଙ୍ଗୀତ ଓ ଲାଇବ୍ରେରିର ସୁବିଧା ରହିଛି। ବହୁ ମେଧାବୀ ଛାତ୍ରୀଛାତ୍ର ସ୍କୁଲ, ଆନ୍ତଃ ସ୍କୁଲ, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହେବା ସହ ସ୍କୁଲର ସମ୍ମାନ ବଢ଼ାଇ ପାରିଛନ୍ତି। ଏହି ସ୍କୁଲରେ ଶୃଙ୍ଖଳିତ ଆଚରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଏ। ଚଳିତବର୍ଷ ଏହି ସ୍କୁଲ ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଉଛି, ଯାହାକୁ ନେଇ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ବେଶ୍ ଉତ୍ସାହିତ ଓ ଆନନ୍ଦିତ । ଦଶମ ପରୀକ୍ଷାରେ ଏହି ସ୍କୁଲ ପ୍ରତିବର୍ଷ ଶତ ପ୍ରତିଶତ ରେଜାଲ୍ଟ କରିଥାଏ, ଯାହା ଛାତ୍ରୀଛାତ୍ରଙ୍କ ମନୋବଳକୁ ଆହୁରି ବଢ଼ାଇବାରେ ସହାୟକ ହୋଇଛି। ଭବିଷ୍ୟତରେ ଏହି ସ୍କୁଲର ସଞ୍ଚାଳିକା ମଧୁମିତା ଭଦ୍ରଙ୍କ ତତ୍ତ୍ୱାବଧାନରେ କେବଳ ପାଠପଢ଼ା ନୁହେଁ, ଅନ୍ୟାନ୍ୟ କ୍ଷେତ୍ରରେ ନିଜର ଆଧିପତ୍ୟ ବଜାୟ ରଖିବାକୁ ଉଦ୍ୟମ ଜାରି ରଖିଛି।


ମଧୁମିତା ଭଦ୍ର (ସଞ୍ଚାଳିକା)



ସ୍କୁଲରେ ଗୁରୁଦିବସ ପାଳନ ଅବସରରେ।


ଶୈକ୍ଷିକ ଭ୍ରମଣ ଅବସରରେ ଶିକ୍ଷୟିତ୍ରୀଙ୍କ ସହ ସ୍କୁଲର ଛାତ୍ରୀଛାତ୍ର।

- **ଦିବ୍ୟରାଜ ସିଂହ (କ୍ଲାସ୍:୩)**
  ଶିଶୁ କଳାକାର ଭାବରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଅନୁଷ୍ଠିତ ନୃତ୍ୟ, ଗୀତ, ଡିବେଟ୍, ରଚନା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।



- **ଅଶ୍ମି ଅମ୍ରିତା ପଣ୍ଡା(କ୍ଲାସ୍:୧୦)**
  ନେପାଳରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗନେଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



- **ସୋଭନା ଏସ୍.ପଣ୍ଡା(କ୍ଲାସ:୭)**
  ନେପାଳଠାରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି।



- **ବୈଭବ ଘୋଷ(କ୍ଲାସ:୫)**
  ଜାତୀୟ ଓ ଜିଲାସ୍ତରୀୟ ବିଭିନ୍ନ ଚେସ୍ ପ୍ରତିଯୋଗିତାରେ ଭାଗନେଇ ଅନେକ ପୁରସ୍କାର ଓ ସାର୍ଟିଫିକେଟ୍ ହାସଲ କରିଛନ୍ତି।



- **ଆଦ୍ୟାଶା ସ୍ୱାଇଁ(କ୍ଲାସ-୫)**
  ନେପାଳଠାରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବ୍ରୋଞ୍ଜ ପଦକ ହାସଲ କରି ବିଦ୍ୟାଳୟ ପାଇଁ ସମ୍ମାନ ଆଣିଛନ୍ତି।



- **ସ୍ୱୀକୃତି ପଣ୍ଡା(କ୍ଲାସ-୭)**
  ରାଜ୍ୟ ତଥା ରାଜ୍ୟ ବାହାରେ ଓଡିଶୀ ଓ ମଡର୍ନ ଡ୍ୟାନ୍ସ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି।



- **ହର୍ଷା ମିଶ୍ର(କ୍ଲାସ-୧୦)**
  ସେ ସଙ୍ଗୀତ ପରିବେଷଣ କରି ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରଶଂସିତ ହୋଇଛନ୍ତି।



### ସଂକ୍ଷେପରେ

- ସ୍ଥାପିତ: ୧୯୯୨
- କ୍ଲାସ୍: ନର୍ସରିରୁ ଦଶମ
- ଶିକ୍ଷୟିତ୍ରୀଶିକ୍ଷକଙ୍କ ସଂଖ୍ୟା: ୪୦
- ଛାତ୍ରୀଛାତ୍ରଙ୍କ ସଂଖ୍ୟା: ୧୦୦୦
- ପ୍ରମୁଖ ଭାଷା: ହିନ୍ଦୀ, ଇଂଲିଶ୍, ଓଡ଼ିଆ, ସଂସ୍କୃତ



ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅବସରରେ ଶିକ୍ଷୟିତ୍ରୀଙ୍କ ସହ ସ୍କୁଲର ଛାତ୍ରୀଛାତ୍ର।


**ଆଦ୍ୟା ଦାସ**
କ୍ଲାସ–୧, ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍ –୮, ଭୁବନେଶ୍ୱର
୧


**ଆଦର୍ଶ ରାୟ**
କ୍ଲାସ–୭, ଗୋପବନ୍ଧୁ ହାଇସ୍କୁଲ, ବେଗୁନିଆ, ଖୋର୍ଦ୍ଧା
୨


**ପି.ସି. ବାଦଲ କୁମାର**
କ୍ଲାସ –୩, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ,ଭୁବନେଶ୍ୱର
୩


**ଶ୍ରୀମାଞ୍ଜଳି ସାହୁ**
କ୍ଲାସ–୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡବିଲ୍, କେନ୍ଦୁଝର
୪


**ଅମିତେଶ ଦାସ**
କ୍ଲାସ –୫, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ୟୁନିଟ୍ –୪, ଭୁବନେଶ୍ୱର
୫


**ଅନୁଶ୍ରେୟା ଆଚାର୍ଯ୍ୟ**
କ୍ଲାସ – ୪, ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ ,ବାଲେଶ୍ୱର
୬


**ପ୍ରେକ୍ଷା ପୂର୍ବାସା ବରାଳ**
କ୍ଲାସ–୫, କେନ୍ଦ୍ରୀୟ ବିଦ୍ୟାଳୟ–୧, ୟୁନିଟ୍ –୯, ଭୁବନେଶ୍ୱର
୭


**ଅଭିଜିତ୍ ରାଉତ**
କ୍ଲାସ–୬, କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟାମନ୍ଦିର, ଭୁବନେଶ୍ୱର
୮


**ଦୀକ୍ଷା ମହାନ୍ତି**
କ୍ଲାସ–୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିମାପଡା
୯


**ଅନୁଷ୍କା ବେଉରା**
କ୍ଲାସ–୪, ସେଣ୍ଟ୍ ଯୋଶେଫ୍ ହାଇସ୍କୁଲ, ଭୁବନେଶ୍ୱର
୧୦


୧



୨



୩


୪


୫


୬


୭


୮


୯


୧୦

## କବିତା

### ଭଲ ମଣିଷ

ନିଜ ପ୍ରକୃତିକୁ ନିଜେ ସୁଧାର
ସତ୍ ବିଚାରକୁ ମନରେ ଧର ।
ଖରାପ ଅଭ୍ୟାସ ଛାଡ଼ ହେ ଭାଇ
ଦେଖିବ ଜୀବନେ ହାରିବ ନାହିଁ ।
ଭଲ ଦେଖି ପିଲେ ଭଲ ହିଁ ଜାଣ
ଭଲ କାମ କରି ଜଗତ ଜିଣ ।
ନିଜର ଦୋଷକୁ ନିଜେ ସୁଧାରି
ଗରବ, ଈର୍ଷାକୁ ଦିଅ ହେ ମାରି ।
ଭଲ ବାଟେ ତୁମେ ଥିଲେଟି ରହି
ଭଲ ମଣିଷଟେ ହୋଇବ ଭାଇ ।
ମନ ଅଗଣାରେ ଖୁସି ଲହରି
ଜାଣିଥା' ପ୍ରକୃତି ହେଲେ ସୁଧାରି ।
ମୋର ଛୋଟ କଥା ମନରେ ଥିବ
ଜୀବନ ଜିଇଁବା ସରଳ ହେବ ।

*–ଯଜ୍ଞଦତ୍ତ ସାମନ୍ତରାୟ*
*ସମ୍ପାଦକ, 'ଗୁଞ୍ଜନ',*
*କବିସୂର୍ଯ୍ୟନଗର, ଗଞ୍ଜାମ*



### ଶରତ ଆସିଲେ ମରତ ହସେ

ଶରତ ଆସିଲେ ମରତ ହସେ
ବିଲେ ଧାନ ଗଛ ସବୁଜ ଦିଶେ ।
ଫୁଲ ଫଳ କେତେ ଗଛରେ ଝୁଲି
କାଶତଣ୍ଡୀ ପରି ଯାଆନ୍ତି ଫୁଲି ।
ନିରିମଳ ଦିଶେ ତୁଆ ଗାଡ଼ିଆ
ଘାସରେ ଭରିଛି ଖେଳ ପଡ଼ିଆ ।
ଘୋଓ ଘୋଓ ଶୁଭେ ଗାଆଁର ହାଟ
ସଫା ଦିଶେ ନଈ, ପୋଖରୀ ଘାଟ ।
ଭାରି ଭଲ ଲାଗେ ଶରତ ଋତୁ
ଆଇ ତୋଳିଆଣେ ବାଲିରୁ ଛତୁ ।
କୁଣିଆ ମଇତ୍ର ଏଦିନେ ଆସି
ସୁଖ ଦୁଃଖ ସବୁ ବାଣ୍ଟନ୍ତି ବସି ।
ଗଛରେ ଚଢ଼େଇ ସଜାଡ଼େ ବସା
ତଳେ ନିଜ ଘର ସଜାଡ଼େ ଶଶା ।
ଶୁଖିଲା ଦିଶିଲା ପଠାରୁ ମାଳ
ଜମି ଜମି ଯାଏ ପିଲାଙ୍କ ଖେଳ ।

*–ଅରୁଣ ଚନ୍ଦ୍ର ମହାନ୍ତି*
*ଛାୟାଲୋକ, ପ୍ଲଟ ନଂ– ୧୪୭୧*
*ପୁରୁଣା ଭୁବନେଶ୍ୱର–୨*



ଶିଶୁ ପ୍ରତିଭା

# ନୃତ୍ୟାଙ୍ଗନା ଭନିଷା

ଟାଏକୋଣ୍ଡୋ, ଆଙ୍କରିଂ, ଡିବେଟିଂ, ମଡେଲିଂ, ଷ୍ଟୋରି ବୁକ୍ ଓ ମହାପୁରୁଷଙ୍କ ଜୀବନୀ ପଢିବା, ଫାଇନ୍ ଆର୍ଟ ଓ ପେଣ୍ଟିଂ ଆଦିରେ ରହିଛି ତାଙ୍କର ଦକ୍ଷତା । ଏ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସାଉଁଟିଛନ୍ତି ଅନେକ ସଫଳତା । ପୁଣି ଓଡିଶୀ, କଣ୍ଟେମ୍ପୋରାରି, ସାଲ୍‌ସା, ହିପ୍ ହପ୍, ଫ୍ରି ଷ୍ଟାଇଲ୍, ସେମି କ୍ଲାସିକାଲ୍, ଫୋକ୍ ଡ୍ୟାନ୍ସରେ ମଧ ପାରଙ୍ଗମ । ସେ ହେଲେ ଭନିଷା ଦଣ୍ଡପାଟ୍ । ଭୁବନେଶ୍ୱର ଓଡିଏମ୍ ପବ୍ଲିକ୍ ସ୍କୁଲର ଅଷ୍ଟମ ଶ୍ରେଣୀରେ ସେ ଏବେ ଅଧ୍ୟୟନରତା । ବାପା ଦୟାନିଧି ଓ ମାଆ ମନୀଷା ଦଣ୍ଡପାଟ୍‌ଙ୍କ ଏହି କନ୍ୟାଙ୍କର ଛୋଟବେଳୁ ହିଁ ନୃତ୍ୟ ପ୍ରତି ଆଗ୍ରହ ଥିବା ଜଣାପଡ଼ିଥିଲା । ତେଣୁ ଭୁବନେଶ୍ୱର ପଟିଆରେ ରହୁଥିବା ଏହି ନୃତ୍ୟାଙ୍ଗନା ମାତ୍ର ୭ ବର୍ଷ ବୟସରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ । ତାଙ୍କର ପ୍ରଥମ ଓଡିଶୀ ନୃତ୍ୟଗୁରୁ ଥିଲେ ଗୌତମ ଭଟ୍ଟାଚାର୍ଯ୍ୟ । ବର୍ତ୍ତମାନ ପଟିଆସ୍ଥିତ ଶ୍ରୀକାନ୍ତ ଡ୍ୟାନ୍ସ ଷ୍ଟୁଡିଓରେ ପି. ଶ୍ରୀକାନ୍ତ ପୃଷ୍ଟିଙ୍କଠାରୁ ସେ ନୃତ୍ୟ ଶିକ୍ଷା କରୁଛନ୍ତି । କଣ୍ଟେମ୍ପୋରାରି ୨ ବର୍ଷ, ସାଲ୍‌ସା ୧ ବର୍ଷ, ହିପ୍ ହପ୍ ୧ ବର୍ଷ, ଫ୍ରି ଷ୍ଟାଇଲ୍ ୧ ବର୍ଷ, ସେମି କ୍ଲାସିକାଲ୍ ୪ ବର୍ଷ ଏବଂ ଫୋକ୍ ଡ୍ୟାନ୍ସରେ ୩ ବର୍ଷର ଅଭିଜ୍ଞତା ରହିଛି ତାଙ୍କର । ଇଣ୍ଟର ଡିଭିଜନାଲ୍ କଲ୍‌ଚରାଲ୍ ଫେଷ୍ଟିଭାଲ୍ ୨୦୧୪, ଏମର୍ଜିଂ ଟ୍ୟାଲେଣ୍ଟ୍ କଣ୍ଟେଷ୍ଟ, ଇଷ୍ଟ କୋଷ୍ଟ ରେଲ୍‌ୱେ ପକ୍ଷରୁ ଆୟୋଜିତ ମୈତ୍ରୀ ମେଳା, ଭୁବନେଶ୍ୱର ଗଟ୍ ଡ୍ୟାନ୍ସ ଟ୍ୟାଲେଣ୍ଟ୍ ସିଜନ୍ –୧ ଓ ୨, କିଟ୍ ନନ୍ଦି ପରି–୨୦୧୪ରେ ମିସ୍ ଫୋଟୋଜେନିକ୍ ଟାଇଟଲ୍ ଆଦି ପୁରସ୍କାର ହାସଲ କରିଛନ୍ତି । ପାଠ ପଢ଼ା ପରେ ଫ୍ୟାଶନ୍ ଡିଜାଇନିଙ୍ଗ୍ କିମ୍ବା ମହାକାଶ ବିଜ୍ଞାନ କ୍ଷେତ୍ରରେ ଜ୍ଞାନ ଅର୍ଜନ କରିବାକୁ ଲକ୍ଷ୍ୟ ରଖିଛନ୍ତି ସେ । ପ୍ରତିଦିନ ୧ ଘଣ୍ଟା ଏବଂ ସାପ୍ତାହିକ ଛୁଟିରେ ଅଧିକ ସମୟ ନୃତ୍ୟ ଅଭ୍ୟାସ କରନ୍ତି ଭନିଷା ।

**ଭନିଷା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସାଉଁଟିଛନ୍ତି ଅନେକ ସଫଳତା। ପୁଣି ଓଡିଶୀ, କଣ୍ଟେମ୍ପୋରାରି, ସାଲ୍‌ସା, ହିପ୍ ହପ୍, ଫ୍ରି ଷ୍ଟାଇଲ୍, ସେମି କ୍ଲାସିକାଲ୍, ଫୋକ୍ ଡ୍ୟାନ୍ସରେ ମଧ ପାରଙ୍ଗମ।**



## ଆସ ଚିହ୍ନିବା

୧.



୨.



୩.



(ଏହାର ଉତ୍ତର ଲେଖି ଆମ ଠିକଣାରେ ପଠାଅ ।)

## ଏଥରର ପ୍ରଶ୍ନ ?

* କେଉଁ ଓଡିଆ ମହିଳା ଭାରତୀୟ ଫୁଟବଲ ଦଳର ଅଧିନାୟକ ଦାୟିତ୍ୱ ତୁଲାଇ ସାରିଛନ୍ତି ?
* ଭାରତୀୟ ହକି ଦଳର ଅଧିନାୟକତ୍ୱ କରିଥିବା ଓଡିଆ ଖେଳାଳିଙ୍କ ନାମ କ'ଣ ?
* ଜାତୀୟ କ୍ରିକେଟ ଦଳରେ ସ୍ଥାନ ପାଇଥିବା ପ୍ରଥମ ଓଡ଼ିଆ କ୍ରିକେଟ ଖେଳାଳି କିଏ ?
* ନିକଟରେ ଶେଷ ହୋଇଥିବା ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ବିଜୟିନୀ ହୋଇଥିବା ଓଡିଆ ମହିଳା ଧାବିକାଙ୍କ ନାମ କ'ଣ ?
* ବର୍ତ୍ତମାନ ସୁଦ୍ଧା ଅନ୍ତର୍ଜାତୀୟ ହଡଲ୍ସ ପ୍ରତିଯୋଗିତାରେ ରେକର୍ଡ ସୃଷ୍ଟି କରିଥିବା ଓଡ଼ିଆ ମହିଳା ଖେଳାଳି କିଏ ?

## ଆରଥରର ଉତ୍ତର

* ମୋହନଦାସ କରମ ଚାନ୍ଦ ଗାନ୍ଧୀ
* ୧୮୬୯ ମସିହା, ଅକ୍ଟୋବର ୨
* ସୁଭାଷ ଚନ୍ଦ୍ର ବୋଷ
* ଅହିଂସା ଦିବସ
* ମାଇଁ ଏକ୍ସପେରିମେଣ୍ଟ ୱିଥ୍ ଟ୍ରୁଥ୍

## ରଙ୍ଗଦିଅ



# ଜଣା ଅଜଣା

ଭିଏତ୍‌ନାମର 'ହଙ୍ଗ ସୋନ ଡୁଙ୍ଗ' ଗୁମ୍ଫା ହେଉଛି ପୃଥିବୀର ସର୍ବବୃହତ ଗୁମ୍ଫା। ୫ କିଲୋମିଟର ପରିବ୍ୟାପ୍ତ ଏହି ଗୁମ୍ଫାର ଉଚ୍ଚତା ୬୫୦ ଫୁଟ।



ଦକ୍ଷିଣ ଆମେରିକାରେ ଦେଖାଯାଉଥିବା ଗୋଲିଆଥ୍ ବାର୍ଡଇଟିଙ୍ଗ ବୁଢିଆଣୀ ହେଉଛି ପୃଥିବୀର ସର୍ବବୃହତ ବୁଢିଆଣୀ ପ୍ରଜାତି। ପ୍ରାୟ ୧ ଫୁଟ ଲମ୍ବ ଏବଂ ୧୭୫ ଗ୍ରାମ ଓଜନ ବିଶିଷ୍ଟ ଏହି ବୁଢିଆଣୀ ପକ୍ଷୀମାନଙ୍କୁ ଶିକାର କରି ଖାଇଥାଏ।



ସମୁଦ୍ର ବା ନଦୀ ତଟବର୍ତ୍ତି ଅଞ୍ଚଳରେ ଦେଖାଯାଉଥିବା ହ୍ୱିପିଙ୍ଗ୍ କ୍ରେନ ବା ରାଜହଂସ ର ରାବ ପ୍ରାୟ ୩ ମାଇଲ ପର୍ଯ୍ୟନ୍ତ ଶୁଣାଯାଇଥାଏ।



ଶୂନ ଏବଂ ଅଙ୍କଗଣିତର ଆବିଷ୍କାର ସର୍ବପ୍ରଥମେ ଭାରତରେ ହୋଇଥିଲା।






ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା'ର ଏକ ଅଧ୍ୟୟନରୁ ଜଣାଯାଏ ଯେ, ମହାକାଶରେ ପହଞ୍ଚିବା ପରେ ମହାକାଶଚାରୀଙ୍କ ଶରୀରର ଉଚ୍ଚତା ୨ ରୁ ୩ ପ୍ରତିଶତ ବଢିଯାଇଥାଏ। ସେଠାରେ ମାଧ୍ୟାକର୍ଷଣ ଶକ୍ତିର ଅଭାବ ହେତୁ ଏପରି ଘଟିଥାଏ।



ସୌରମଣ୍ଡଳର ପଞ୍ଚମ ଗ୍ରହ ବୃହସ୍ପତିକୁ ଗାଲିଲିଓ ୧୬୧୦ ଖ୍ରୀଷ୍ଟାବ୍ଦରେ ଆବିଷ୍କାର କରିଥିଲେ।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ପ୍ରାଣ ହରାଇଥିବା ୭୦୦୦୦ ଭାରତୀୟ ସୈନ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୂଆଦିଲ୍ଲୀର ରାଜପଥଠାରେ ଇଣ୍ଡିଆଗେଟ ନିର୍ମାଣ କରାଯାଇଥିଲା। ୧୯୧୯ ମସିହାରେ ତୃତୀୟ ଆଫଗାନୀ ଯୁଦ୍ଧରେ ପ୍ରାଣ ହରାଇଥିବା ୧୩୫୧୬ ଭାରତୀୟ ଏବଂ ବ୍ରିଟିଶ ସୈନ୍ୟଙ୍କ ନାମ ଏଠାରେ ଲିପିବଦ୍ଧ ହୋଇ ରହିଛି।



୧୯୭୪ ମେ ୧୮ରେ ଭାରତ ପୋଖରାନଠାରେ ପ୍ରଥମଥର ପାଇଁ ପରମାଣୁ ବୋମା ପରୀକ୍ଷଣ କରିଥିଲା।



# ଆ ଇ ନା



ସାଇରାମ
(୫ ବର୍ଷ)



ଅନିଷା
(୫ ବର୍ଷ)



ରାନି
(୧୨ ବର୍ଷ)